एस् एच्. एस्. आर्. मूर्ତି

ବନାମ

କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ଅଗଷ୍ଟ 19,1999

[ଶ୍ରୀମତୀ ସୁଜାତା ବନାମ ମନୋହର, କେ. ଭେଙ୍କଟସ୍ୱାମୀ ଏବଂ

ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ଵୟ ]

*ସେବା ଆଇନ:*

*ପଦୋନ୍ନତି - ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ - ସରକାରୀ ପଲିଟେକ୍ନିକ-ସେରାମିକ୍ ବିଭାଗର ମୁଖ୍ୟ -କାମପାଳି ଆଧାରରେ ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ନିଯୁକ୍ତି, ଏବଂ ସାଧାରଣ ବର୍ଗରେ ତାଙ୍କ ଠାରୁ ବରିଷ୍ଠ ବ୍ୟକ୍ତିଙ୍କୁ ଅଣଦେଖା କରାଯାଇଥିଲା,-ଦର୍ଶାଯାଇଛି, ଯେହେତୁ ଏହି ପଦବୀଟି ଗୋଟିଏ ପଦବୀ ଥିଲା, ପଦୋନ୍ନତି ଉଦ୍ଦେଶ୍ୟରେ କାମପାଳି ପ୍ରୟୋଗ ଗ୍ରହଣୀୟ ନଥିଲା- କାମପାଳି ଆଧାରରେ ପଦୋନ୍ନତିକୁ ରଦ୍ଦ କରାଯାଇଥିଲା ।*

*ସ୍ନାତକୋତ୍ତର ଭେଷଜ ବିଦ୍ୟା ଏବଂ ଅନୁସନ୍ଧାନ ସଂସ୍ଥାନ, ଚଣ୍ଡୀଗଡ଼ ବନାମ ବିଭାଗୀୟ ଅଧ୍ୟାପକଗୋଷ୍ଠୀ ଏବଂ ଅନ୍ୟମାନେ , JT (1998) 3 SC 223 - ଅନୁସରଣ କରାଯାଇଛି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 4480/1990

ଆବେଦନ ସଂଖ୍ୟା 2297/1988 ରେ କର୍ଣ୍ଣାଟକ ପ୍ରଶାସନିକ ନ୍ୟାୟାଧିକରଣ, ବାଙ୍ଗାଲୋର ଙ୍କର ତା 3.5.89 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏମ୍ ଏମ୍ କାଶ୍ୟପଙ୍କ ପାଇଁ ଅଭୟ ଏନ୍. ଦାସ ।

ଉତ୍ତରଦାତାମାନଙ୍କ ପାଇଁ ଏମ୍.ବୀରାପ୍ପାଙ୍କ ପାଇଁ କେ.ଏଚ୍. ନୋବିନ୍ ସିଂହ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଅପିଲ ସରକାରୀ ପଲିଟେକ୍ନିକରେ ସିରାମିକ୍ ମୁଖ୍ୟ ପଦବୀରେ ଉତ୍ତରଦାତା ସଂଖ୍ୟା 3 ଙ୍କୁ ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ପଦୋନ୍ନତି ସହିତ ଜଡିତ । ଏଥିରେ କୌଣସି ବିବାଦ ନାହିଁ ଯେ, ଏହା ଗୋଟିଏ ମାତ୍ର ପଦବୀ । ସେ ଯାହା ହେଉନା କାହିଁକି , ପ୍ରଥମ ଉତ୍ତରଦାତା, ଏହି ପଦବୀରେ ସଂରକ୍ଷଣ ସମ୍ବନ୍ଧୀୟ କାମପାଳି ପ୍ରୟୋଗ କରିଥିଲେ । ତେଣୁ ଯଦିଓ ଅପିଲକାରୀ

ସେହି ପଦବୀକୁ ପଦୋନ୍ନତି ପାଇଁ ଯୋଗ୍ୟ ସବୁଠାରୁ ବରିଷ୍ଠ ବ୍ୟକ୍ତି ଥିଲେ, ତାଙ୍କୁ ନିଯୁକ୍ତ କରାଯାଇ ନଥିଲା  ବରଂ, ଉତ୍ତରଦାତା ସଂଖ୍ୟା 3, ଯିଏ ତାଙ୍କଠାରୁ କନିଷ୍ଠ ଥିଲେ, କିନ୍ତୁ ଅନୁସୂଚିତ ଜାତି ବର୍ଗର ଥିଲେ, ତାଙ୍କୁ ନିଯୁକ୍ତି ଦିଆଯାଇଥିଲା କାରଣ କାମପାଳି ପ୍ରସଙ୍ଗରେ, ଖାଲି ପଦବୀଟି ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଥିଲା ।

କର୍ଣ୍ଣାଟକ ପ୍ରଶାସନିକ ନ୍ୟାୟାଧିକରଣ ଏହି ଆକ୍ଷେପିତ ରାୟରେ  ଏହି ଆଧାରରେ ଆଗକୁ ବଢ଼ିଲେ ଯେ, ଯେହେତୁ ଏହା ଏକ ପଦୋନ୍ନତି ପଦବୀ, ତେଣୁ ସମସ୍ତ ପଦୋନ୍ନତି ଶୂନ୍ୟସ୍ଥାନକୁ କାମପାଳି ଅନୁଯାୟୀ ଘୂର୍ଣ୍ଣନ କରିବାକୁ ପଡ଼ିବ । ତେଣୁ ସେରାମିକସ୍ ବିଭାଗର ମୁଖ୍ୟ ପଦବୀ   କୁ ଉତ୍ତରଦାତା ସଂଖ୍ୟା 3 ଙ୍କର ପଦୋନ୍ନତି ଏକ ବୈଧ ନିଯୁକ୍ତି ଥିଲା ।

ସ୍ନାତକୋତ୍ତର ଭେଷଜ ବିଦ୍ୟା ଏବଂ ଅନୁସନ୍ଧାନ ସଂସ୍ଥାନ ,ଚଣ୍ଡୀଗଡ଼ ବନାମ ବିଭାଗୀୟ ଅଧ୍ୟାପକଗୋଷ୍ଠୀ ଏବଂ ଅନ୍ୟମାନେ , JT (1998) 3 SC 223  ମାମଲାରେ ଏହି ନ୍ୟାୟାଳୟର ସାମ୍ବିଧାନିକ ବିଚାରପୀଠ ବିଚାରପୀଠ ଏହି ପ୍ରଶ୍ନ ଉପରେ ସମସ୍ତ ନିଷ୍ପତ୍ତିକୁ  ଆଲୋଚନା କରିବା ପରେ ରାୟ ଦେଇଛନ୍ତି ଯେ :

> "ଏକକ ପଦବୀ ସବର୍ଗରେ, ଯେକୌଣସି ସମୟରେ ପର୍ଯ୍ୟାୟ  କିମ୍ବା କାମପାଳି ଘୂରିବା କାରଣରୁ ସଂରକ୍ଷଣ ଏପରି ଏକ ପରିସ୍ଥିତି ଆଣିବ ଯେଉଁଥିରେ ସବର୍ଗରେ ଏପରି ଗୋଟିଏ ପଦବୀ କେବଳ ପଛୁଆ ବର୍ଗର ସଦସ୍ୟଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ସାଧାରଣ ସଦସ୍ୟଙ୍କୁ ସମ୍ପୂର୍ଣ୍ଣ ଭାବେ ବାଦ ଦିଆଯିବ । ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ଜନସାଧାରଣଙ୍କ ସାଧାରଣ ସଦସ୍ୟଙ୍କ ଏପରି ସମ୍ପୂର୍ଣ୍ଣ ବାଦଦେବା  ଏବଂ ପୃଷ୍ଠଭୂମି ବର୍ଗ ପାଇଁ ଶତ ପ୍ରତିଶତ ସଂରକ୍ଷଣର ଅନୁମତି ନାହିଁ ।"

ଏହି ଅନୁପାତକୁ ଦୃଷ୍ଟିରେ ରଖି ଯେହେତୁ ଉକ୍ତ ପଦବୀଟି ଗୋଟିଏ ମାତ୍ର ପଦବୀ ଥିଲା, ପଦୋନ୍ନତି ଉଦ୍ଦେଶ୍ୟରେ କାମପାଳିର ପ୍ରୟୋଗ  ଗ୍ରହଣୀୟ ନଥିଲା ।

ଅପିଲକୁ ଅନୁମତି ଦିଆଯାଇଛି ଏବଂ ନ୍ୟାୟାଧିକରଣଙ୍କର ଆକ୍ଷେପିତ ଆଦେଶକୁ ରଦ୍ଦ କରିଦିଆଯାଇଛି । କାମପାଳି ଆଧାରରେ ଉତ୍ତରଦାତା ସଂଖ୍ୟା 3ଙ୍କର ପଦୋନ୍ନତି ରଦ୍ଦ କରାଯାଇଛି । ତେବେ ପଦୋନ୍ନତି ପଦବୀରେ ତୃତୀୟ ଉତ୍ତରଦାତାଙ୍କ  ଦ୍ୱାରା ପୂର୍ବରୁ ପ୍ରାପ୍ତ ଦରମା ଅସୁଲି  କରାଯିବ ନାହିଁ ।

ଆର୍.ପି.    ଅପିଲକୁ ଅନୁମତି ଦିଆଯାଇଥିଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶୁଭଶ୍ରୀ ମିଶ୍ର**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**